# NATIONAL NEWS BULLETIN (ODIA)

**11 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦ୍ୱିପାକ୍ଷିକ ସଂପର୍କକୁ ରଣନୈତିକ ସହଯୋଗ ପର୍ଯ୍ୟନ୍ତ ବୃଦ୍ଧି କରିବା ଲାଗି ଭାରତ-ନ୍ୟୁଜିଲ୍ୟାଣ୍ଡ ସହମତ

– ପ୍ରଧାନମନ୍ତ୍ରୀ ମୋଦୀ ଓ ତାଙ୍କ ନ୍ୟୁଜିଲ୍ୟାଣ୍ଡ ପ୍ରତିପକ୍ଷଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୩୫ ହଜାର କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ।

- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅତ୍ୟାଧୁନିକ ଯୁଦ୍ଧପୋତି ଆଇଏନ୍ଏସ୍ ମହେନ୍ଦ୍ରଗିରି ଭାରତୀୟ ନୌସେନାରେ ସାମିଲ
- ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ସୁସ୍ଥ, ଦୃଢ଼ ଓ ବିକଶିତ ଭାରତ ଗଠନ ଉପରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ହର୍ମୁଜ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ପରେ ଇରାନ ଉପରେ ନୂଆ ପ୍ରତିବନ୍ଧକ ଜାରି କଲା ଆମେରିକା

ଏବଂ

- ଫିଫା ବିଶ୍ୱକପ୍‌ରେ ତୃତୀୟ କ୍ୱାର୍ଟର ଫାଇନାଲ୍‌ରେ ଆଜି ରାତିରେ ଅନୁଷ୍ଠିତ ହେବ ନରୱେ ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍

---

## ଏମ୍ଇଏ-ନ୍ୟୁଜିଲ୍ୟାଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଆଜି ଅକ୍‌ଲ୍ୟାଣ୍ଡ୍‌ରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ।

ଉଭୟ ଦେଶ ଦ୍ୱିପାକ୍ଷିକ ସଂପର୍କକୁ ରଣନୈତିକ ସହଯୋଗ ପର୍ଯ୍ୟନ୍ତ ବୃଦ୍ଧି କରିବା ଲାଗି ସହମତ ହୋଇଥିବା  ଜଣାପଡ଼ିଛି । ବୈଦେଶିକ ମନ୍ତ୍ରଣାଳୟର ପୂର୍ବଭାଗ ସଚିବ ରୁଦ୍ରେନ୍ଦ୍ର ଟଣ୍ଡନ କହିଛନ୍ତି, ଆଗାମୀ ୪ ବର୍ଷ ପାଇଁ ଶ୍ରୀ ମୋଦୀ ଓ ଶ୍ରୀ ଲକ୍ସନ ଭାରତ-ନ୍ୟୁଜିଲ୍ୟାଣ୍ଡ ରଣନୈତିକ ସହଯୋଗ-୨୦୩୦ ପ୍ରସ୍ତାବକୁ ମଂଜୁରୀ ପ୍ରଦାନ କରିଛନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କକୁ ଆହୁରି ଦୃଢ଼ କରିବା ।

ଆଜିର ଆଲୋଚନାରେ ବାର୍ଷିକ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୩୦ ମସିହା ସୁଦ୍ଧା ୩୫ ହଜାର କୋଟି ଟଙ୍କାରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ସ୍ଥିର କରାଯାଇଛି । ବୈଠକରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସହଯୋଗ ବୃଦ୍ଧି ଏବଂ ଭାରତୀୟ ନୌସେନା ଓ ନ୍ୟୁଜିଲ୍ୟାଣ୍ଡର ପ୍ରତିରକ୍ଷା କ୍ଷେତ୍ର ମଧ୍ୟରେ ପରିବହନ ସହଯୋଗ ଚୁକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି । ଉଭୟ ଦେଶ ପକ୍ଷରୁ ଜାରି ବକ୍ତବ୍ୟରେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ମୁକ୍ତ ଏବଂ ବିକଶିତ କ୍ଷେତ୍ର ଭାବେ ଗଢ଼ି ତୋଳିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରାଯାଇଛି ।

ଅନ୍ୟପକ୍ଷରେ ଉଭୟ ନେତା ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ସ୍ୱାଗତ କରିବା ସହ  ଏହାର କାର୍ଯ୍ୟାନ୍ୱୟନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

**V/O**

ମିଳିତ ବିବୃତିରେ ଶ୍ରୀ ମୋଦୀ ଓ ଶ୍ରୀ ଲକ୍ସନ ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତି ନେଇ ଚିନ୍ତାବ୍ୟକ୍ତ କରିବା ସହ ସାଧାରଣ ନାଗରିକଙ୍କ ସୁରକ୍ଷା

ନିଶ୍ଚିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ହର୍ମୁଜ ପ୍ରଣାଳୀରେ ଯେଭଳି ସହଜ ଓ ସୁରକ୍ଷିତ ଭାବେ ଜାହାଜ ଚଳାଚଳ କରାଯାଇ ପାରିବ, ସେ ଦିଗରେ ମଧ୍ୟ ଉଭୟ ନେତା ସମାନ ଆଭିମୁଖ୍ୟ ପୋଷଣ କରିଛନ୍ତି ।

---

# ଆଇଏନ୍‌ଏସ୍-ମହେନ୍ଦ୍ରଗିରି

ଭାରତ ଉଭୟ ପାରମ୍ପରିକ ପ୍ରତିରକ୍ଷା ସାମର୍ଥ୍ୟ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ଦୃଢ଼ କରି ଏକ ସୁଦୃଢ଼, ଆତ୍ମନିର୍ଭର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପ୍ରତିରକ୍ଷା ବଳ ନିର୍ମାଣ କରିଥିବା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି । ସେ କହିଛନ୍ତି, ଭବିଷ୍ୟତର ଯୁଦ୍ଧରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଅନ୍ୟାନ୍ୟ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ହୋଇପାରେ । କିନ୍ତୁ ସାହସୀ ସୈନ୍ୟ ବଳ ଏବଂ ଦକ୍ଷ ସାମରିକ ଶକ୍ତି ହିଁ ସେଥିରେ ବିଜୟଲାଭ କରିବ । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତିବିଦ୍ୟା ଏବଂ ପାରମ୍ପରିକ ସାମରିକ ଦୃଢ଼ତା ପରିପୂରକ ଅଟନ୍ତି ଓ ଭାରତ ଆତ୍ମନିର୍ଭର ଭାରତ ଯୋଜନାରେ ଉଭୟରେ ଅଗ୍ରଗତି କରୁଛି ।

ଆଜି ବିଶାଖାପତନମରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଇଏନ୍‌ଏସ୍ ମହେନ୍ଦ୍ରଗିରି ଯୁଦ୍ଧ ପୋତର ଭାରତୀୟ ନୌସେନାରେ ସାମିଲ କରାଯିବା ଅବସରରେ ଶ୍ରୀ ସିଂ କହିଛନ୍ତି, ଏହା ଭାରତର ସାମୁଦ୍ରିକ ଶକ୍ତି ଏବଂ ପ୍ରତିରକ୍ଷା ସାମର୍ଥ୍ୟ କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ଭାରତୀୟ ନୌସେନାରେ ଗତ ଦେଢ଼ବର୍ଷ ମଧ୍ୟରେ ୬ଟି ଆଗଧାଡ଼ିର ଯୁଦ୍ଧ ପୋତ ସାମିଲ କରାଯିବା ଦେଶର

ଜାହାଜ ନିର୍ମାଣ ସାମର୍ଥ୍ୟ, ବୃଦ୍ଧି ପାଉଥିବା ପ୍ରତିରକ୍ଷା ଶିଳ୍ପ ଇକୋସିଷ୍ଟମ୍‌କୁ ଦର୍ଶାଉଛି ।

ସେ କହିଛନ୍ତି, ଭାରତ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ପରିବର୍ତ୍ତେ ଏବେ ନିଜ ଦକ୍ଷତା ଏବଂ ନବସୃଜନ ବଳରେ ସାମରିକ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଏକ ପ୍ରମୁଖ ମଞ୍ଚ ପାଲଟିଛି । ଆତ୍ମନିର୍ଭର ଭାରତ ପଦକ୍ଷେପର ସଫଳତା ବର୍ଣ୍ଣନା କରି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ଆଇଏନ୍‌ଏସ୍ ମହେନ୍ଦ୍ରଗିରି ଯୁଦ୍ଧ ପୋତ ନିର୍ମାଣରେ ୭୫ ପ୍ରତିଶତରୁ ଅଧିକ ସାମଗ୍ରୀ ସ୍ୱଦେଶୀ ଜ୍ଞାନକୌଶଳର ଉପଯୋଗ କରାଯାଇଛି । ଏଥିରେ ବ୍ରହ୍ମୋସ୍ ସୁପର୍‌ସୋନିକ୍ କ୍ଷେପଣାସ୍ତ୍ର ଅତ୍ୟାଧୁନିକ ରାଡାର ସମନ୍ୱିତ ବାୟୁ ପ୍ରତିରୋଧୀ ବ୍ୟବସ୍ଥା ଭଳି ଉନ୍ନତମାନର ଯନ୍ତ୍ରାଂଶ ବ୍ୟବହାର କରାଯାଇ ପାରିବ ବୋଲି ଶ୍ରୀ ସିଂହ କହିଛନ୍ତି:

**V/O**

---

# ୱାର୍ଲ୍ଡ ପପୁଲେସନ ଡେ

ଆଜି ବିଶ୍ୱ ଜନସଂଖ୍ୟା ଦିବସ । ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ସମଗ୍ର ଦେଶ ତଥା ପୃଥିବୀରେ ସୃଷ୍ଟି ହେଉଥିବା ବିଭିନ୍ନ ଆହ୍ୱାନକୁ ମୁକାବିଲା କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୧ତାରିଖ ଆଜିର ଦିନରେ ଏହି ଦିବସ ପାଳନ କରାଯାଇଥାଏ । ଜନସଂଖ୍ୟା ସମ୍ବନ୍ଧୀୟ ଚିନ୍ତାଧାରାକୁ ସମାଧାନ କରିବା ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ କାର୍ଯ୍ୟ କରିବାକୁ ଏହି ଦିବସ ପାଳନ କରାଯାଉଛି । ୧୯୯୦ ମସିହା ଡିସେମ୍ବରରେ ଜାତିସଂଘ ପକ୍ଷରୁ ପରିବେଶ ଏବଂ ବିକାଶ ସହିତ ଜନସଂଖ୍ୟା ସମସ୍ୟା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି

ନିଆଯାଇଥିଲା । ପ୍ରଥମଥର ପାଇଁ ଏହା ୯୦ରୁ ଅଧିକ ଦେଶରେ ପାଳିତ ହୋଇଥିଲା ।

ଚଳିତ ବର୍ଷର ବିଷୟବସ୍ତୁ ରହିଛି "ଆଜି ଏବଂ ଭବିଷ୍ୟତ ପାଇଁ ଯୁବପିଢ଼ିଙ୍କ ଆଶା ଓ ଆକାଂକ୍ଷାକୁ ସାକାର କରିବା ।"

## ନଡ୍ଡା-ପପୁଲେସନ୍ ଡେ-୨

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଇଚ୍ଛାଧୀନ ପରିବାର ନିୟୋଜନ ଯୋଜନା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି, ଗର୍ଭଧାରଣ ମଧ୍ୟରେ ଉପଯୁକ୍ତ ସମୟ ବ୍ୟବଧାନ ରହିଲେ ଉଭୟ ମା' ଏବଂ ଶିଶୁ ପାଇଁ ସ୍ୱାସ୍ଥ୍ୟକର ସାବ୍ୟସ୍ତ ହେବ ଓ ପିତାମାତା ମଧ୍ୟ ସେମାନଙ୍କର ପିଲାର ସଠିକ୍ ଯତ୍ନ ନେଇପାରିବେ । ଏହି ଅବସରରେ ଶ୍ରୀ ନଡ୍ଡା ସମସ୍ତଙ୍କୁ ଏକ ସୁସ୍ଥ, ଦୃଢ଼ ଏବଂ ବିକଶିତ ଭାରତ ଗଠନ ଲାଗି ଆହ୍ୱାନ ଦେଇଛନ୍ତି ।

## ସିକିମ୍-ରିଚେଷ୍ଟ ଷ୍ଟେଟ୍

ସଦ୍ୟତମ ଆୟ ତଥ୍ୟ ବିଶ୍ଳେଷଣ ପରେ  ମୁଣ୍ଡପିଛା ଆୟ କ୍ଷେତ୍ରରେ ସିକିମ ପୁଣି ଥରେ ଭାରତର ଧନୀ ରାଜ୍ୟ ଭାବେ ପରିଗଣିତ ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ସିକିମ୍‌ର ମୁଣ୍ଡପିଛା ଆୟ ୬ ଦଶମିକ ୪/୬ ଲକ୍ଷ ଟଙ୍କାରୁ ଅଧିକ ରହିଥିଲା, ଯାହା ଜାତୀୟ ହାର ତୁଳନାରେ ୩ ଗୁଣ ଅଧିକ ।

## ୟୁଏସ୍-ଇରାନ ନିଉ ସାଙ୍କସନ

ହର୍ମୁଜ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଗୁଡ଼ିକ ଉପରେ ତେହେରାନର ଆକ୍ରମଣ ପରେ ଆମେରିକାର ଟ୍ରମ୍ପ ପ୍ରଶାସନ ଆଜି ଇରାନ ଉପରେ କେତେକ ନୂଆ ପ୍ରତିବନ୍ଧକ ଜାରି କରିଛି । ଏହି ପ୍ରତିବନ୍ଧକ ଗୁଡ଼ିକ ଇରାନର ନେତୃତ୍ୱ ସହ ସଂପର୍କିତ ଆର୍ଥିକ ନେଟୱ୍ୱର୍କ ସହ ଜଡ଼ିତ । ଏହା ପୂର୍ବରୁ ଆମେରିକା କଠୋର ପଦକ୍ଷେପ ସ୍ୱରୂପ ଇରାନର ପ୍ରମୁଖ ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରିବା ସହ ତେହେରାନଠାରୁ ତୈଳ ବିକ୍ରି କରିବା ସଂପର୍କିତ ଅନୁମତି ପ୍ରତ୍ୟାହାର କରିଥିଲା । ଆମେରିକା ପକ୍ଷରୁ ଏହିସବୁ ନୂତନ ପ୍ରତିବନ୍ଧକ ଜାରି ହେବା ଫଳରେ ଇରାନର ଆର୍ଥିକ ବ୍ୟବସ୍ଥା କ୍ଷତିର ସମ୍ମୁଖୀନ ହେବ ବୋଲି କୁହାଯାଇଛି ।

ସୂଚନାଯୋଗ୍ୟ, ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଉଭୟ ଦେଶ ମଧ୍ୟରେ ହୋଇଥିବା ବୁଝାମଣା ଶେଷ ହୋଇଥିବା ଘୋଷଣା କରିଥିଲେ ମଧ୍ୟ କୂଟନୈତିକ ପଦକ୍ଷେପ ସ୍ୱରୂପ ଏହି ପ୍ରତିବନ୍ଧକ ଜାରି କରାଯାଇଛି ।

---

## ବ୍ରିକ୍ସ ମିଟିଂ-ନାଗପୁର

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଜି ନାଗପୁରରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ପରିବହନ ମନ୍ତ୍ରୀମାନଙ୍କ ବୈଠକରେ ଅଧ୍ୟକ୍ଷତା କରିବେ । ଭାରତର ବ୍ରିକ୍ସ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ଦୁଇଦିନିଆ ବୈଠକର ବିଷୟବସ୍ତୁ "ସହନଶୀଳ, ନବସୃଜନ, ସହଯୋଗ ଏବଂ ସମାବେଶୀ ନିର୍ମାଣ" ଉପରେ କେନ୍ଦ୍ରିତ ରହିଛି । ପୂର୍ବରୁ ବ୍ରିକ୍ସ ପରିବହନ କାର୍ଯ୍ୟଗୋଷ୍ଠୀ ବୈଠକରେ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଏକକ ପରିବହନ ପ୍ରସଙ୍ଗ ଉପରେ ଆଲୋଚନା

ହୋଇଥିଲା । ଏହି ବୈଠକ ପରିବହନ କ୍ଷେତ୍ରରେ ଆନ୍ତର୍ଜାତିକ ସହଯୋଗ ଦୃଢ଼ କରିବା ଲକ୍ଷ୍ୟ ନେଇ ଆୟୋଜନ କରାଯାଇଛି ।

## ହାଇଦ୍ରାବାଦ ବୁଲେଟ୍ ଟ୍ରେନ୍ ହବ୍

ହାଇଦ୍ରାବାଦକୁ ପ୍ରମୁଖ ଉଚ୍ଚ ଗତିସମ୍ପନ୍ନ ରେଳ ହବ୍ ଭାବେ ବିକାଶ କରିବା ଲାଗି ଯୋଜନା ରହିଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି । ଏଥିରେ ପୁଣେ, ଚେନ୍ନାଇ ଏବଂ ବେଙ୍ଗାଲୁରୁକୁ ବୁଲେଟ୍ ଟ୍ରେନ୍ କରିଡର ସଂଯୋଗ କରାଯିବ । ଆଜି ହାଇଦ୍ରାବାଦରେ ଏକ ଶିଳ୍ପ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଉଚ୍ଚ ଗତିସଂପନ୍ନ ରେଳ ନେଟୱର୍କ ଦକ୍ଷିଣ ଭାରତର ପ୍ରମୁଖ ଅର୍ଥନୈତିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ଯାତ୍ରା ସମୟ ହ୍ରାସ କରିବା ସହ ସଂଯୋଗୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରିବ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଦେଶର ଇଲେକ୍‌ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ନିର୍ମାଣ କ୍ଷେତ୍ରରେ ତେଲଙ୍ଗାନା ପ୍ରମୁଖ ଭୂମିକା ଗ୍ରହଣ କରିଥିବା କହିଛନ୍ତି। ସେ କହିଛନ୍ତି, ଦେଶର ୩୧୫ଟି ବିଶ୍ୱବିଦ୍ୟାଳୟରେ ସେମିକଣ୍ଡକ୍ଟର ଡିଜାଇନ୍ ଟୁଲ୍ ଆରମ୍ଭ କରାଯାଇଛି, ଯାହାଫଳରେ ଏକ ଦୃଢ଼ ସ୍ୱଦେଶୀ ଚିପ୍ ଇକୋସିଷ୍ଟମ୍ ସୃଷ୍ଟି ହୋଇପାରିବ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜି କିଷନ ରେଡ୍ଡି  ଯୋଗ ଦେଇଥିଲେ ।

## ଫିଫା ବିଶ୍ୱକପ୍-କ୍ୱାର୍ଟର ଫାଇନାଲ୍

ଫିଫା ବିଶ୍ୱକପ୍‌ରେ ଆଜି ରାତିରେ ତୃତୀୟ  କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ନରୱେ ଏବଂ ଇଂଲଣ୍ଡ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ଚତୁର୍ଥ କ୍ୱାର୍ଟର

ଫାଇନାଲ୍ ମ୍ୟାଚ୍ ଆର୍ଜେଣ୍ଟିନା ଓ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ଖେଳାଯିବ । ଭାରତୀୟ ସମୟ ଆଜି ରାତି ୨ଟା୩୦ ମିନିଟ୍‌ରେ ମିଆଁମି ଷ୍ଟାଡିୟମରେ ନରୱେ ଏବଂ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ଆସନ୍ତାକାଲି ସକାଳ ୬ଟା ୩୦ ମିନିଟ୍‌ରେ ଆର୍ଜେଣ୍ଟିନା ଓ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ସ୍ପେନ୍ ଏବଂ ଫ୍ରାନ୍ସ ସେମିଫାଇନାଲ୍‌କୁ ଉନ୍ନୀତ ହୋଇସାରିଛନ୍ତି । ସ୍ପେନ୍ ୨-୧ ଗୋଲ୍‌ରେ ବେଲ୍‌ଜିୟମକୁ ଏବଂ ଫ୍ରାନ୍ସ ମର୍‌କୋକୁ ୨-୦ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛି ।

---

## ଓ୍ୱିମେନ୍ସ କ୍ରିକେଟ୍ ଟେଷ୍ଟ / ଇଣ୍ଡିଆ-ଇଂଲଣ୍ଡ ଟି-୨୦

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ଆଜି ଶେଷ ମ୍ୟାଚ୍ ଭାରତ-ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ । ସାଉଥ୍‌ହାମ୍ପଟନ୍‌ର ୟୁଟିଲିଟା ବାଓଲ୍ ଠାରେ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଇଂଲଣ୍ଡ ୩-୦ରେ ସିରିଜ୍ ବିଜୟୀ ହୋଇସାରିଥିବା ବେଳେ ଭାରତ ଆଜି ମ୍ୟାଚ୍‌କୁ ନିଜ ସପକ୍ଷରେ କରିବା ଲାଗି ଉଦ୍ୟମ କରିବ ।

ଲଣ୍ଡନର ଲର୍ଡସ୍ କ୍ରିକେଟ୍ ପଡ଼ିଆରେ ଗତକାଲି ଆରମ୍ଭ ହୋଇଥିବା ପ୍ରଥମ ମହିଳା ଟେଷ୍ଟ୍‌ର ଆଜି ଦ୍ୱିତୀୟ ଦିନରେ ଭାରତର ୨୮୫ ରନ୍‌ର ଜବାବରେ ଇଂଲଣ୍ଡ ଦଳ ବ୍ୟାଟିଂ ଜାରି ରଖିବ । ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ଖେଳ ଆରମ୍ଭ ହେବ । ଗତକାଲି ଇଂଲଣ୍ଡ ଖେଳ ଶେଷ ହେବା ପୂର୍ବରୁ ୧୧ ଓଭର୍ ବ୍ୟାଟିଂ କରିଥିଲା । ଭାରତର ସ୍ମୃତି ମନ୍ଧାନା ୮୩ ରନ୍ ସ୍କୋର କରିଥିବା ବେଳେ ଅଧିନାୟିକା ହର୍‌ମନପ୍ରୀତ୍ କୌର ଏବଂ ଦୀପ୍ତି ଶର୍ମା ଅର୍ଦ୍ଧଶତକ ହାସଲ କରିଥିଲେ ।

---